# NATIONAL NEWS BULLETIN (ODIA)

**10 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୨୧ତମ ଆସିଆନ୍ ଭାରତ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଲାଓସରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ରତନ ଟାଟାଙ୍କ ଶେଷ ଦର୍ଶନ କରୁଛନ୍ତି ସାଧାରଣ ଜନତା ।

- ଆଜି ସଂଧ୍ୟାରେ ହେବ ଅନ୍ତିମ ସଂସ୍କାର

- ପଶ୍ଚିମବଙ୍ଗ ଓ ଆସାମରେ ଆନନ୍ଦ ଉତ୍ସାହର ସହ ପାଳିତ ହେଉଛି ଦୁର୍ଗାପୂଜା ।

- କୋଲକାତା ଆର୍‌ଜିକର ଘଟଣାରେ ଜୁନିୟର ଡାକ୍ତର ଓ ରାଜ୍ୟସରକାରଙ୍କ ମଧ୍ୟରେ ଆଲୋଚନା ବିଫଳ ।

ଏବଂ

- ମହିଳା ଟି-୨୦ ବିଶ୍ୱକପ୍‌ରେ ଆଜି ମୁହାଁମୁହିଁ ହେବେ ବାଂଲାଦେଶ ଓ ୱେଷ୍ଟଇଣ୍ଡିଜ ।

# ପିଏମ୍ ଲାଓସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ଲାଓସ୍ ଗସ୍ତରେ ଯାଇ ଆଜି ଭିଏଣ୍ଟିଆନେଠାରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଗସ୍ତ କାଳରେ ୨୧ତମ ଆସିଆନ ଭାରତ ଶିଖର ସମ୍ମିଳନୀ ଏବଂ ୧୯ତମ ପୂର୍ବ ଏସିଆ ଶିଖର ସମ୍ମିଳନୀରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ସେଠାରେ ପହଞ୍ଚିବା ପରେ ଲାଓସର ସ୍ୱରାଷ୍ଟ୍ର ମନ୍ତ୍ରୀ ତାଙ୍କୁ ସ୍ୱାଗତ କରିଥିଲେ । ଲାଓସ୍‌ରେ ବସବାସ କରୁଥିବା ପ୍ରବାସୀ ଭାରତୀୟମାନେ ରାମାୟଣର ଏକ କଥାବସ୍ତୁକୁ ନେଇ ନୃତ୍ୟାଭିନୟ ମାଧ୍ୟମରେ ଶ୍ରୀ ମୋଦୀଙ୍କୁ ସ୍ୱାଗତ ଜଣାଇଥିଲେ ।

ଗସ୍ତର ଆଜି ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୨୧ତମ ଆସିଆନ ଭାରତ ଶିଖର ସମ୍ମିଳନୀରେ ଯୋଗଦେବା ସହ ବିଭିନ୍ନ ଦେଶର ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

---

# ରତନ ଟାଟା

ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ରତନ ଟାଟାଙ୍କର ଅନ୍ତିମ ଦର୍ଶନ ନିମନ୍ତେ ମୁମ୍ବାଇର ରାଷ୍ଟ୍ରୀୟ ପ୍ରଦର୍ଶନୀ କଳା କେନ୍ଦ୍ରରେ ଲୋକମାନଙ୍କ ଭିଡ଼ ଲାଗି ରହିଛି । ଗତକାଲି ମୁମ୍ବାଇର ଏକ ହସ୍ପିଟାଲରେ ୮୬ବର୍ଷ ବୟସରେ ରତନ ଟାଟାଙ୍କର ଦେହାନ୍ତ ହୋଇଥିଲା ।

ରତନ ଟାଟାଙ୍କ ପ୍ରାର୍ଥୀବ ଶରୀର ଅପରାହ୍ଣ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ଦର୍ଶନ ନିମନ୍ତେ ରାଷ୍ଟ୍ରୀୟ ପ୍ରଦର୍ଶନ କଳା

କେନ୍ଦ୍ରରେ ରଖାଯିବ । ବରେଲିସ୍ଥିତ ଶ୍ମଶାନରେ ଆଜି ସଂଧ୍ୟାରେ ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାପଡିଛି । ସେହିସବୁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ରତନ ଟାଟାଙ୍କ ଦେହାନ୍ତରେ ଶୋକପ୍ରକାଶ କରିଛନ୍ତି । ଆଜି ହେବାକୁ ଥିବା ଅନ୍ତିମ ସଂସ୍କାରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉପସ୍ଥିତ ରହିବେ । ମହାରାଷ୍ଟ୍ର ସରକାର ରତନ ଟାଟାଙ୍କ ସମ୍ମାନରେ ଆଜି ଗୋଟିଏ ଦିନ ପାଇଁ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି ।

ତାଙ୍କ ଅନ୍ତିମ ସଂସ୍କାର ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହ କରାଯିବ । ଶ୍ରୀ ରତନ ଟାଟା’ ଟାଟା ସନ୍ସର ଏମିରିଟ୍ସ୍ ଏବଂ ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ଥିଲେ। ଭାରତର ଅନ୍ୟତମ ସମ୍ମାନଜନକ ବ୍ୟବସାୟୀ ରତନ ଟାଟା ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଟାଟା ସନ୍ସର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ । ସେ ଟାଟା ଟ୍ରଷ୍ଟ ଜରିଆରେ ଜନହିତକର କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ଥିଲେ। ପଦ୍ମଭୂଷଣ ଓ ପଦ୍ମବିଭୂଷଣ ଭଳି ଅନେକ ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଥିଲା।

ରତନ ଟାଟାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୋକପ୍ରକାଶ କରି କହିଛନ୍ତି, ତାଙ୍କ ବିୟୋଗରେ ଭାରତ ରାଷ୍ଟ୍ରନିର୍ମାଣ ସହିତ କର୍ପୋରେଟ୍ ବିକାଶ ଏବଂ ନୈତିକତା ସହ ସଂଯୋଗ ସ୍ଥାପନ କରିଥିବା ଜଣେ ମହାନ୍ ବ୍ୟକ୍ତିଙ୍କୁ ହରାଇଛି। ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ରତନ ଟାଟା ତାଙ୍କ ମହାନ୍ ପରମ୍ପରାକୁ ଆଗକୁ ବଢ଼ାଇଛନ୍ତି ଏବଂ ଏହାକୁ ସମଗ୍ର ବିଶ୍ୱରେ ଅଧିକ

ପ୍ରଭାବଶାଳୀ କରିଛନ୍ତି। ସେ କହିଛନ୍ତି, ରତନ ଟାଟା ବ୍ୟବସାୟୀ ଏବଂ ଯୁବଛାତ୍ରମାନଙ୍କୁ ସମାନ ଭାବରେ ପ୍ରେରଣା ଦେଇଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ରତନ ଟାଟାଙ୍କ ବିୟୋଗରେ ସେ ଗଭୀର ଦୁଃଖିତ ବୋଲି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଶ୍ରୀ ଧନଖଡ଼ କହିଛନ୍ତି, ରତନ ଟାଟା ଭାରତୀୟ ଶିଳ୍ପର ଜଣେ ମହାନ ବ୍ୟକ୍ତି ଥିଲେ, ଯିଏ ଆତ୍ମନିର୍ଭର ଭାରତ ନିର୍ମାଣରେ ଅବିସ୍ମରଣୀୟ ଅବଦାନ ଦେଇଥିଲେ ।

ରତନ ଟାଟାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ରତନ ଟାଟାଙ୍କ ସହ ତାଙ୍କର କଥାବାର୍ତ୍ତାକୁ ମନେ ପକାଇ ଶ୍ରୀ ମୋଦୀ କହିଛନ୍ତି, ତାଙ୍କର ଦୃଷ୍ଟିକୋଣ ବହୁତ ବ୍ୟାପକ ଥିଲା । ସେ କହିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ପରିମଳ କ୍ଷେତ୍ରରେ ଟାଟା ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, ଟାଟା ଭାରତର ଅନ୍ୟତମ ପୁରୁଣା ଏବଂ ସମ୍ମାନଜନକ ବ୍ୟାବସାୟିକ ସଂସ୍ଥାକୁ ସ୍ଥିର ନେତୃତ୍ୱ ପ୍ରଦାନ କରିଛି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ରତନ ଟାଟା ନିଃସ୍ୱାର୍ଥପର ଭାବରେ ଦେଶର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ରତନ ଟାଟା ଦେଶର ଅର୍ଥନୀତିରେ ତାଙ୍କର ଅବଦାନ ପାଇଁ ସର୍ବଦା ସ୍ମରଣୀୟ ରହିବେ।

କଂଗ୍ରେସ ନେତା ରାହୁଲ ଗାନ୍ଧି ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଶ୍ରୀ ଟାଟା ଉଭୟ ବ୍ୟବସାୟ ଜଗତରେ ଏବଂ ପରୋପକାର କ୍ଷେତ୍ର ସ୍ମରଣୀୟ ହୋଇ ରହିବେ ।

୧୯୩୭ ମସିହା ଡିସେମ୍ବର ୨୮ ତାରିଖରେ ଜନ୍ମଗ୍ରହଣ ରତନ ଟାଟା ନ୍ୟୁୟର୍କର କର୍ନେଲ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୧୯୬୨ ମସିହାରେ ଟାଟା ଗ୍ରୁପରେ ଯୋଗ ଦେଇଥିଲେ । ୧୯୭୫ ମସିହାରେ ସେ ହାର୍ଭାର୍ଡ ବିଜନେସ ସ୍କୁଲରେ ଆଡଭାନ୍ସ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ ଶେଷ କରିଥିଲେ । ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରିବା ପରେ ୧୯୭୧ ମସିହାରେ ସେ ନ୍ୟାସନାଲ ରେଡିଓ ଆଣ୍ଡ ଇଲେକ୍ଟ୍ରୋନିକ୍ସ କମ୍ପାନୀ ଲିମିଟେଡର ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଥିଲେ । ୧୯୮୧ ମସିହାରେ ସେ ଟାଟା ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ ଓ ୧୯୯୧ମସିହା ଡିସେମ୍ବର ୨୮ରୁ ୨୦୧୨ ମସିହା ପର୍ଯ୍ୟନ୍ତ ଟାଟା ସନ୍ସର ଅଧ୍ୟକ୍ଷ ରହିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଟାଟା ଗ୍ରୁପର ରାଜସ୍ୱ ଅନେକ ଗୁଣ ବୃଦ୍ଧି ପାଇ୨୦୧୧-୧୨ ମସିହାରେ ସମୁଦାୟ ୧୦୦ ବିଲିୟନ ଆମେରିକୀୟ ଡଲାର ଅତିକ୍ରମ କରିଥିଲା। ଅବସର ପରେ ଟାଟା ସନ୍ସ, ଟାଟା ଇଣ୍ଡଷ୍ଟ୍ରିଜ୍, ଟାଟା ମୋଟର୍ସ, ଟାଟା ଷ୍ଟିଲ୍ ଏବଂ ଟାଟା କେମିକାଲ୍ସର ଏମିରିଟସ୍ ଅଧ୍ୟକ୍ଷ ଭାବେ ଟାଟାଙ୍କୁ ସମ୍ମାନଜନକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଟାଟା ପରିବାରର ଅନ୍ୟ ସଦସ୍ୟଙ୍କ ପରି ସମାଜସେବା ଓ ସମାଜର ବିକାଶ ପ୍ରତି ତାଙ୍କର ସମର୍ପଣ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପ୍ରେରଣା ଯୋଗାଇଥିଲା । ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ ତାଙ୍କର ଏହି ପଦକ୍ଷେପ ଭାରତୀୟଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଭାରତ ସରକାର ୨୦୦୮ମସିହାରେ ଶ୍ରୀ ଟାଟାଙ୍କୁ  ପଦ୍ମବିଭୂଷଣରେ ସମ୍ମାନିତ କରିଥିଲେ । ସେ ଭାରତ ଏବଂ ବିଦେଶର ଅନେକ ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମଧ୍ୟ ପାଇଛନ୍ତି ।

........................................

# ପଶ୍ଚିମବଙ୍ଗ-ଜୁନିୟର ଡାକ୍ତର ବିକ୍ଷୋଭ

ପଶ୍ଚିମବଙ୍ଗରେ ଜୁନିୟର ଡାକ୍ତରମାନଙ୍କ ରାଜ୍ୟ ସରକାରଙ୍କ ସହ ହୋଇଥିବା ଆଲୋଚନାରେ କୌଣସି ସୁଫଳ ମିଳିନାହିଁ । ଗତକାଲି କୋଲକାତାସ୍ଥିତ ରାଜ୍ୟ ସଚିବାଳୟରେ ମୁଖ୍ୟ ଶାସନ ସଚିବ ମନୋଜ ପନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଗୃହ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ ଏବଂ ପୁଲିସ ମହାନିର୍ଦ୍ଦେଶକ ରାଜୀବ କୁମାର ଉପସ୍ଥିତ ଥିଲେ । ଡାକ୍ତରମାନେ ଅଭିଯୋଗ କରିଛନ୍ତି ଯେ ରାଜ୍ୟ ସରକାର କେବଳ ମୌଖିକ ଆଶ୍ୱାସନା ବ୍ୟତୀତ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଉନାହାନ୍ତି । ସେମାନେ କହିଛନ୍ତି ରାଜ୍ୟ ସରକାର ମେଡ଼ିକାଲ କଲେଜ ପରିସରରେ ଡାକ୍ତରମାନଙ୍କ ସୁରକ୍ଷା ନେଇ ଲିଖିତ ନିର୍ଦ୍ଦେଶାନାମା ଜାରି କରିବାକୁ ମନା କରିଦେଇଛନ୍ତି । ଡାକ୍ତରମାନେ ବିକ୍ଷୋଭ ଏବଂ ଆମରଣ ଅନଶନ ଜାରି କରିବେ ବୋଲି କହିଛନ୍ତି ।

---

# ପିଏମ୍ ନବରାତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନବରାତ୍ରିର ଅଷ୍ଟମ ଦିନରେ ଦେବୀ ମହାଗୌରୀଙ୍କ ପୂଜାର୍ଚ୍ଚନା କରିଛନ୍ତି । ଶ୍ରୀ ମୋଦୀ ଦେବୀ ମହାଗୌରୀଙ୍କ ନିକଟରେ ସମସ୍ତ ଭକ୍ତଙ୍କ ମଙ୍ଗଳ ମନାସିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ସମସ୍ତଙ୍କ ଜୀବନରେ ଖୁସି ଓ ସମୃଦ୍ଧି ଭରିଯାଉ ବୋଲି କାମନା କରିଛନ୍ତି ।

---

# ଓ୍ୱେଷ୍ଟବେଙ୍ଗଲ-ଆସାମ ଦୁର୍ଗାପୂଜା

ପଶ୍ଚିମବଙ୍ଗରେ ଲୋକମାନେ ଦୁର୍ଗାପୂଜା ସମାରୋହରେ ଆନନ୍ଦ ଉତ୍ସାହର ସହ ଭାଗ ନେଉଛନ୍ତି । ମା’ ଦୁର୍ଗାଙ୍ଗ ପୂଜା ନିମନ୍ତେ ସମସ୍ତ ପୂଜା ମଣ୍ଡପରେ ବହୁସଂଖ୍ୟାରେ ଭକ୍ତଙ୍କ ଭିଡ଼ ରହିଛି । ଆଜି ସପ୍ତମୀରେ ପର୍ଶ୍ଚିମବଙ୍ଗର ଅଧିବାସୀମାନେ ମଣ୍ଡପ କରିକ୍ରମା କରୁଛନ୍ତି । ଲୋକମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବସ୍ ଏବଂ ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ପୂଜାମଣ୍ଡପ ଏବଂ ବାସଗୃହ ଗୁଡ଼ିକୁ ଆଲୋକମାଳାରେ ସଜାଯାଇଛି ।

ଆସାମରେ ଦୁର୍ଗାପୂଜା କମିଟି ଗୁଡ଼ିକ ସାରା ବିଶ୍ୱରେ ପ୍ରଚଳିତ ବିଭିନ୍ନ ବିଷୟକୁ ଆଧାର କରି ସ୍ୱତନ୍ତ୍ର ବାର୍ତ୍ତା ଦେବା ନିମନ୍ତେ ଅନେକ ଅସ୍ଥାୟୀ ଦୁର୍ଗାପୂଜା ମଣ୍ଡପ ପ୍ରସ୍ତୁତ କରିଛନ୍ତି । ମଣ୍ଡପ ଗୁଡ଼ିକରେ ଶ୍ରଦ୍ଧାଳୁମାନେ ଭକ୍ତି ଓ ଉତ୍ସାହର ସହିତ ଦେବୀ ଦୁର୍ଗାଙ୍କ ପୂଜାର୍ଚ୍ଚନା କରୁଛନ୍ତି । ରାଜଧାନୀ ଗୌହାଟୀରେ ୧୦୦ରୁ ଅଧିକ ଅସ୍ଥାୟୀ ଦୁର୍ଗାପୂଜା ମଣ୍ଡପ ପ୍ରସ୍ତୁତ କରାଯାଇଛି । ଭାସ୍କରନଗର ପୂଜାକମିଟି ପୁରୀ ଶ୍ରୀଜଗନ୍ନାଥଙ୍କ ଭଳି ମଣ୍ଡପ ପ୍ରସ୍ତୁତ କରିଛି । ସେହିପରି ଅଠଗାଓଁ ପୂଜାକମିଟି ମହାଭାରତ ଇନ୍ଦ୍ରପ୍ରସ୍ଥ ବିଷୟକୁ ନେଇ ମଣ୍ଡପ ପ୍ରସ୍ତୁତ କରିଛି ।

## ଲଦାଖ-ନିର୍ବାଚନ

ଲଦାଖରେ ପୂର୍ବ ଏମ୍.ଏଲ୍.ସି ଏବଂ ଜାମ୍ମୁ-କାଶ୍ମୀର ନ୍ୟାସନାଲ କନ୍‌ଫରେନ୍ସର ପ୍ରାର୍ଥୀ ଆଗା ସୟଦ ଅହମ୍ମଦ ରଜବୀ, ଥାଙ୍ଗ ଡୁଙ୍ଗୁର ଆସନରୁ ଏଲ୍.ଏ.ଏଚ୍.ଡି.ସି କାର୍‌ଗିଲ ଉପ ନିର୍ବାଚନରେ ବିଜୟୀ ହୋଇଛନ୍ତି । ମୋଟ୍ ୨ହଜାର ୨୦୧ଟି ଭୋଟ୍ ପଡିଥିବାବେଳେ ଶ୍ରୀ ରଜବୀଙ୍କୁ ୧ହଜାର ୩୯୫ଟି ଭୋଟ୍ ମିଳିଥିବାବେଳେ ନିର୍ଦ୍ଦଳୀୟ ପ୍ରାର୍ଥୀ ମହମ୍ମଦ ଜବାଦଙ୍କୁ ୭୮୮ଟି ଭୋଟ୍ ମିଳିଛି ।

# cjòkû KâòùKU¨

ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଆଜି ମହିଳା ଟି-୨୦ ବିଶ୍ୱକପ୍‌ରେ ଗ୍ରୁପ୍ 'ବି'ର ଏକ ମ୍ୟାଚ୍ ରେ ବାଂଲାଦେଶ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସନ୍ଧ୍ୟା ସାଢ଼େ ୭ଟାରେ ମ୍ୟାଚ୍ ଆରମ୍ଭ ହେବ ।

ଗତକାଲି ଗ୍ରୁପ୍ 'ଏ'ର ଏକ ମ୍ୟାଚ୍‌ରେ ଭାରତ' ଶ୍ରୀଲଙ୍କାକୁ ୮୨ ରନ୍‌ରେ ପରାସ୍ତ କରିଛି। ରନ୍ ଦୃଷ୍ଟିରୁ ଭାରତର ମହିଳା ଟି-୨୦ ବିଶ୍ୱକପ୍ ଇତିହାସରେ ଏହା ସବୁଠାରୁ ବଡ଼ ବିଜୟ। ଏହି ବିଜୟ ଦ୍ୱାରା ଭାରତ ଗ୍ରୁପ୍ 'ଏ'ରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡକୁ ପଛରେ ପକାଇବା ସହ ନ୍ୟୁଜିଲାଣ୍ଡର ନେଟ୍ ରନ୍ ରେଟ୍ ଅତିକ୍ରମ କରିବାରେ ସହାୟକ ହେବ। ଏହା ପୂର୍ବରୁ ଭାରତୀୟ ମହିଳା ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଷ୍ଟାର ବ୍ୟାଟ୍ସମ୍ୟାନ୍ ହରମନପ୍ରୀତ କୌର ଓ ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକ ବଳରେ ଭାରତ ପ୍ରଥମେ ବ୍ୟାଟିଂ କରି ୧୭୨ ରନ୍ ସ୍କୋର କରିଥିଲା। ସ୍ମୃତି ମନ୍ଧାନା ୫୦ ଓ ହରମନପ୍ରୀତ କୌର ଅପରାଜିତ ୫୨ ରନ୍ କରିଥିଲେ।

ହରମନପ୍ରୀତ କୌର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୧୭୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ଦଳ ୧୯ ଓଭର ଓ ୫ଟି ବଲରେ ୯୦ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ଓ ଆଶା ଶୋଭନା ୩ଟି ଲେଖାଏଁ, ରେଣୁକା ସିଂହ ଠାକୁର ୨ଟି, ଶ୍ରେୟାଙ୍କା ପାଟିଲ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ପଏଣ୍ଟ ତାଲିକାରେ 'ଗ୍ରୁପ୍-ଏ'ରେ ୪ ପଏଣ୍ଟ ସହିତ ଭାରତ ଅଷ୍ଟ୍ରେଲିଆ ପରେ ଦ୍ୱିତୀୟ ସ୍ଥାନରେ ଥିବାବେଳେ 'ଗ୍ରୁପ୍-ବି'ରେ ୪ ପଏଣ୍ଟ ସହିତ ଦକ୍ଷିଣ ଆଫ୍ରିକା ପରେ ଇଂଲଣ୍ଡ ରହିଛି ।

## ଭାରତ-ବାଂଲାଦେଶ କ୍ରିକେଟ୍

ଭାରତ-ବାଂଲାଦେଶ ମଧ୍ୟରେ ଚାଲିଥିବା ଟି-୨୦ ଶୃଙ୍ଖଳାର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ଶନିବାର ଦିନ ଖେଳାଯିବ । ଗତକାଲି ଦ୍ୱିତୀୟ ଟି-୨୦ ମ୍ୟାଚରେ ଭାରତ ବାଂଲାଦେଶକୁ ୮୬ ରନ୍ ରେ ପରାସ୍ତ କରି ଶୃଙ୍ଖଳା ୨-୦ରେ ଜିତି ନେଇଛି। ଟି-୨୦ ଇତିହାସରେ ବାଂଲାଦେଶ ବିପକ୍ଷରେ ଭାରତର ରନ୍ ବ୍ୟବଧାନ ଦୃଷ୍ଟିରୁ ଏହି ବିଜୟ ସବୁଠାରୁ ବଡ଼ ସଫଳତା । ନିକଟରେ ଭାରତ ଟି-୨୦ ବିଶ୍ୱକପ୍‌ରେ ନର୍ଥ ସାଉଣ୍ଡରେ ୫୦ ରନ୍‌ରେ ବିଜୟ ହାସଲ କରିବାର ପୂର୍ବ ରେକର୍ଡ ଭାଙ୍ଗିଛି। ୨୨୨ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୫ ରନ୍ କରିଥିଲା। ଭାରତର ନୀତିଶ ରେଡ୍ଡୀ ଓ ବରୁଣ ଚକ୍ରବର୍ତ୍ତୀ ୨ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର, ଅଭିଷେକ ଶର୍ମା, ମୟଙ୍କ ଯାଦବ ଓ ରିଆନ୍ ପରାଗ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ନୀତୀଶ ରେଡ୍ଡୀ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।